# Akashvani, Sambalpur

## SAMBALPURI NEWS EVENING BULLETIN

**8 July 2025- 7.02 pm- 7.12 pm.**

*********************************************

୧- ଅଷାଢ୍ ମାସର୍ ଉଜଲ୍ ପଖର୍ ତ୍ରୟୋଦଶୀ ତିଥି ଦିନ ଆଏଜ୍ ନୀଳାଦ୍ରୀ ବିଜେ କରୁଛନ୍ ଚତୁର୍ଦ୍ଧାମୂର୍ତ୍ତି ।

୨- ଆଏବା ମାସ କରାଯିବା ରତ୍ନଭଣ୍ଡାର୍ ଅଲ୍‌ଙ୍କାର୍ ଗନ୍‌ତି କାମ୍- ସୂଚ୍‌ନା ଦେଲେ ଆଇନ୍‌ମନ୍ତ୍ରୀ ।

୩- ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱ ଥି ନିର୍ବାଚିତ୍ ହେଲେ ମନ୍‌ମୋହନ୍ ସାମଲ୍ ।

ଆଉର୍

୪- ଲଘୁଚାପ୍ ବଲେ ୨୦ ଟା ଜିଲ୍ଲା ନ ବର୍ଷା ନେଇକରି ସତର୍କ କଲା ପାଣିପାଗ୍ କେନ୍ଦ୍ର ।

- ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୧୬ ଟା ଗେଟ୍ ଦେଇକରି ଛଡ଼ାଯାଉଛେ ବଏଢ୍ ପାଏନ୍ ।

ନୀଲାଦ୍ରୀ ବିଜେ  ପୁରୀ ସମ୍ବାଦଦାତା

୯ ଦିନିଆ ରଥ୍‌ଯାତ୍ରା ସାରିକରି ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥ୍, ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରା ଶ୍ରୀମନ୍ଦିର୍ ରତ୍ନ ସିଂହାସନ୍‌କେ ଫିର୍‌ବେ। ଆଉ କିଛି ସମିଆ ଉତ୍‌ରୁ ଗୋଟି ପହଣ୍ଡିଥି ମାହାପୁରୁମାନେ ନୀଲାଦ୍ରୀ ବିଜେ କର୍‌ବେ। ମହାପୁରୁମାନ୍‌କର୍ ନୀଲାଦ୍ରୀ ବିଜେ ହେଉଛେ ଘୋଷଯାତ୍ରାର୍ ଶେଷ୍ ନୀତି। ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ସଖାଲୁ ତିନ୍‌ହି ରଥ ନ ମଙ୍ଗଲ୍ ଆଲ୍‌ତୀ, ମଇଲମ, ତଡ଼ପଲାଗି, ଅବକାଶ ପୂଜା, ଗୋପାଲ୍‌ବଲ୍ଲଭ, ସକାଳଧୂପ ନୀତି ଉତ୍‌ରୁ ମହାସ୍ନାନ ପୂଜା, ସର୍ବାଙ୍ଗ ଦୁଇପହର ଧୂପନୀତି ହେଇଥିଲା। ତାର୍ ଉତ୍‌ରୁ ସନ୍ଧ୍ୟାଆଲ୍‌ତୀ ଆଉ ସନ୍ଧ୍ୟାଧୂପ ନୀତି କରାଯାଇକରି ରଥଥି ଚାର୍‌ମାଲ୍ ବନ୍ଧାଯାଇଥିଲା। ଶେଷେ ବନ୍ଦାବନା ଆଉ ଡୋରଲାଗି କରାଯାଇଥିଲା। ଆଉ କିଛି ସମିଆ ଉତ୍‌ରୁ ବିଜେ କାହାଲି ବାଜିକରି ପହଣ୍ଡି ନୀତି ମୁଲ୍ ହେବା। ପହେଲା ମଦନ୍‌ମୋହନ୍ ଆଉ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣ ଘର୍‌କେ ପହଣ୍ଡି କରାଯିବା। ଗୋଟି ପହଣ୍ଡିଥି ପହେଲା*

*ସୁଦର୍ଶନ ତାର୍ ଉତ୍ରୁ ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ପହଣ୍ଡି କରାଯିବା । ଶେଷେ ପ୍ରଭୁ ଶ୍ରୀ ଜଗନ୍ନାଥ ଗୋଟି ପହଣ୍ଡିଥି ଯାଇକରି ରତ୍ନସିଂହାସନ ବିଜେ କର୍‌ବେ । ମାହାପୁରୁଙ୍କୁ ଦେଖିକରି ଅଭିମାନିନୀ ମହାଲକ୍ଷ୍ମୀ ଦୁଆର ବାଟ୍ ବନ୍ଦ୍ କରିଦେବେ । ପଛେ ବୁଝାସୁଝା କରିକରି ରସଗୁଲା ଆର୍ ପାଟବସ୍ତ୍ର ଦେଇକରି ଶ୍ରୀ ଜଗନ୍ନାଥ୍ ମହାଲକ୍ଷ୍ମୀଙ୍କର୍ ମାନଭଞ୍ଜନ୍ କର୍‌ବେ । ଇତାର୍ ସହେତେ ୧୬ ଦିନ୍‌ତକ୍ ଗୁପ୍ତ ଗୁଣ୍ଡିଚା ଯାତ୍ରାଥି ନେବାର୍‌କେ ପ୍ରତିଶ୍ରୁତି ଦେବେ । ଇ ସମିଆଥି ସ୍ୱତନ୍ତ୍ର ବଚନିକା ହେବାର୍ ସହେତେ ପ୍ରତିଶ୍ରୁତି ମିଲ୍‌ବାର୍ ଉତ୍ରୁ ମହାଲକ୍ଷ୍ମୀ କବାଟ୍ ଖୁଲ୍‌ବେ । ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ଆଉ ଶ୍ରୀ ଜଗନ୍ନାଥ-ଦେବୀ ଲକ୍ଷ୍ମୀଙ୍କର୍ ଇ ଅନନ୍ୟ ଲୀଳାଥି ସାମିଲ୍ ହେବାର୍‌କେ ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଲାଖ୍ ଲାଖ୍ ଭକ୍ତଙ୍କର୍ ଭିଡ୍ ଲାଗିଛେ । ଆକାଶବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

ନୀଳାଦ୍ରୀ ବିଜେ-ସୁବର୍ଣ୍ଣପୁର ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା କୋଟସମ୍‌ଲେଇ ପାତାଳି ଶ୍ରୀକ୍ଷେତ୍ର ନ ଆଏଜ୍ ନୀଳାଦ୍ରୀ ବିଜେ ଅନୁଷ୍ଠିତ୍ ହେଉଛେ । ୯ ଦିନିଆ

ରଥଯାତ୍ରା ଶେଷ୍ କର୍‌ବାର୍ ଉତ୍‌ରୁ ତିନ୍‌ହି ମାହାପୁରୁ ଗମ୍ଭୀରାକେ ବିଜେ କରୁଛନ୍ । ତ୍ରିକୁଟ ପାହାଡ଼ର ତଲୁ ତିନ୍‌ହି ମାହାପୁରୁଙ୍କୁ ଛଳିଆ ଶିଖର୍‌କେ ଗୋଟି ପହଣ୍ଡିଥି ଶହେ ୮ ପାଉଁଚ ଦେଇକରି ନିଆଯାଉଥିବାର୍ ବେଲେ ନୀଳାଦ୍ରୀ ବିଜେ ଦେଖ୍‌ବାର୍ ଲାଗି ହଜାର୍ ହଜାର୍ ଭକ୍ତଙ୍କର୍ ଭିଡ୍ ହେଇଛେ ।

ତିନ୍‌ହି ରଥଥି ଅଧରପଣା ନୀତି କରାଯାଇକରି ରାତିର୍ ୨ ବାଜିକରି ୫୦ ମିନିଟ୍ ବେଲ୍‌କେ ପହୁଡ଼ ନୀତି ହେଇଥିଲା । ଆଏଜ୍ ସଖାଲୁ ମଙ୍ଗଲ୍ ଆଲ୍‌ତୀ ନୀତି ସଙ୍ଗେ ଅଲ୍‌ଗା ଦୈନିକ୍ ନୀତି କରାଯାଇଥିଲା । ସନ୍ଧ୍ୟା ନୀତି ଉତ୍‌ରୁ ଚାର୍‌ମାଲ୍ ବନ୍ଧାଯାଇକରି ବନ୍ଦାପନା ଆଉ ଡୋର ଲାଗି ହେବାର୍ ସହେତେ ବିଜେ କାହାଲି ବାଜିଥିଲା । ତାର୍ ଉତ୍‌ରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇକରି ନୀଳାଦ୍ରୀ ବିଜେ କରାଯାଇଥିଲା ।

ରତ୍ନଭଣ୍ଡାର୍ ରତ୍ନ ଗନ୍‌ତି ଏକ୍ସ

ଆଏବା ଅଗଷ୍ଟ ମାସେ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ରତ୍ନ ଗନ୍‌ତି କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ରତ୍ନ ଗନ୍‌ତିକେ ନେଇକରି ଉଚ୍ଚସ୍ତରୀୟ ବୈଠକ୍‌ଥି ଚୂଡ଼ାନ୍ତ ନିଷ୍ପତି ନିଆଯିବା ।

ଇଥିର୍‌ଲାଗି ୨ ଜନ୍ ବିଶେଷଜ୍ଞ ଦେବାର୍‌କେ ଭାରତୀୟ ରିଜର୍ଭ ବେଙ୍କ୍‌କେ ଚିଠି ଲେଖାଯିବା । ମନ୍ଦିର୍‌ର ଅଲଙ୍କାର୍ ଗନ୍‌ତିଥି ଯେନ୍‌ମାନ୍‌କର୍ ଅଭିଜ୍ଞତା ଥିବା ସେମାନ୍‌କୁ ଇଥିର୍ ଦାୟିତ୍ୱ ଦିଆଯିବା । ରତ୍ନ ରଖିବାର୍ ଲାଗି ନୂଆଁ ସିନ୍ଦୁକ୍ ତିଆର୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ସେ ଆହୁରି କହିଛନ୍, ଆଏବା ସୁନାବେଶ ବେଲ୍‌କେ ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗଥି ନୂଆଁ ଅଲଙ୍କାର୍ ଲଗାଯିବା । ହେଲେ ଇଥି ରତ୍ନଭଣ୍ଡାର୍ କେନ୍‌ସି ଅଲଙ୍କାର୍ ବେଭାର୍ ନାଇଁ କରାଯାଏ । ନୂଆଁ ଅଲଙ୍କାର୍ ଲାଗି ସର୍‌କାର୍ ବ୍ୟବସ୍ଥା କର୍‌ବେ । ଭକ୍ତମାନ୍‌କୁ ସୁନାଦାନ୍ ଲାଗି ଅନୁରୋଧ୍ କରାଯିବା । ମାହାପୁରୁଙ୍କର୍ ଅଲଙ୍କାର୍ କିଛି ଖରାପ୍ ହେଇଯାଇଥିବାର୍ ସେବାୟତ୍‌ମାନେ ଅଭିଯୋଗ୍ କରିଛନ୍ । ଇଥିର୍‌ଲାଗି ନୂଆଁ ଅଲଙ୍କାର୍ ବ୍ୟବସ୍ଥା କର୍‌ବାର୍‌କେ ଯୋଜ୍‌ନା ଚାଲିଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଉଦ୍ୟାନ୍ କୃଷି ରଥର ଶୁଭାରମ୍ଭ I&PR

ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଛାତ୍ ଉପ୍‌ରେ ବଗିଚା ଆଉ ସହରାଂଚଲ୍ ଉଦ୍ୟାନ୍ କୃଷି ରଥର ଶୁଭାରମ୍ଭ କରିଛନ୍ । ଇ

ଅବ୍‌ସରେ ଶ୍ରୀ ସିଂହଦେଓ କହିଛନ୍, ସ୍ଥାୟୀ ସହରାଂଚଲ୍ ଜୀବନ୍‌ଯାପନ୍ ଆଉ ଖାଦ୍ୟ ସୁରକ୍ଷା ସଙ୍ଗେ ତାଲ୍‌ମେଲ୍ ରଖିକରି ଛାତ୍ ଉପ୍‌ରେ ବଗିଚା ଆଉ ସହରାଂଚଲ୍ ଉଦ୍ୟାନ୍‌ର ଗୁରୁତ୍ୱ, କୌଶଲ୍ ଆଉ ଲାଭ୍ ବାବ୍‌ଦେ ଇ ରଥ ଲୁକ୍‌କୁ ସଚେତନ୍ କର୍‌ବା । ଇତାର୍‌ସହେତେ ସହରର୍ ତାତିକେ ଭିଲ୍ କମ୍ କରାଯାଇପାର୍‌ବା । ଇଥିର୍‌ଲାଗି କୃଷି ବିଭାଗ୍ ତର୍‌ଫୁ ରାଜ୍ୟର୍ କିଛିଟା ସହର୍ ନ ସୌନ୍ଦର୍ଯ୍ୟ, ପୁଷ୍ଟି ଆଉ ସୁସ୍ଥ ପରିବେଶ୍ ଲାଗି ଛାତ୍ ଉପ୍‌ରେ ବଗିଚା କର୍‌ବାର୍ ପ୍ରକଳ୍ପ ମୁଲ୍ କରାଯାଉଛେ ବଲି ଶ୍ରୀ ସିଂହଦେଓ କହିଛନ୍ ।

ଡିଜିଟାଲ୍ ଜନଗଣନା ଆର୍‌ଏନ୍‌ୟୁ/ କଟକ୍

ଦେଶେ ପହେଲାକରି ଡିଜିଟାଲ୍ ଜନଗଣନା ବ୍ୟବସ୍ଥା କରାଯିବା ବଲି ରେଜିଷ୍ଟ୍ରାର୍ ଜେନେରାଲ୍ ଆଉ ଜନଗଣନା କମିଶନର୍‌ଙ୍କର୍ ତର୍‌ଫୁ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦିଅଯାଇଛେ । ସୂଚ୍‌ନା ଅନ୍‌ସାରେ ୨୦୨୭ ଜନଗଣନା ପ୍ରକ୍ରିୟାକେ ବ୍ୟବସ୍ଥିତ୍ କର୍‌ବାର୍ ଲକ୍ଷ୍ୟଥି ଗୁଟେ ପୋର୍ଟାଲ୍ ମୁଲ୍ କରାଯିବା । ଇତାର୍‌ସଙ୍ଗେ ଇଂରାଜୀ, ହିନ୍ଦୀ ଆଉ ଅଲ୍‌ଗା ଆଂଚଲିକ୍ ଭାଷାଥି ତଥ୍ୟ ସଂଗ୍ରହ କର୍‌ବାର୍ ଲାଗି ମୋବାଇଲ୍ ଆପ୍‌ର ବେଭାର୍ କରାଯିବା ।

ହଜ୍ ଆବେଦନ୍       ଏନ୍ଏସ୍ଡି

୨୦୨୬ ହଜ୍ ଯାତ୍ରା ଲାଗି ହଜ୍ କମିଟି ତରଫ୍ରୁ ଆଏଜ୍ ଆବେଦନ୍ ପ୍ରକ୍ରିୟା ମୁଲ୍ କରାଯାଇଛେ । ଇଚ୍ଛୁକ ହଜ୍ ଯାତ୍ରୀମାନେ ସର୍କାରୀ ହଜ୍ ପୋର୍ଟାଲ୍ ଆଉ ‘ହଜ୍ ସୁବିଧା’ ମୋବାଇଲ୍ ଆପ୍ଲିକେସନ୍ ଜରିଏ ଆବେଦନ୍ ପତ୍ର ଦାଖଲ୍ କରିପାର୍ବେ । ଇ ମାସର୍ ଶେଷ୍ ତାରିଖ୍ତକ୍ ଅନ୍ଲାଇନ୍ ଆବେଦନ୍ ଚାଲ୍ବା ବଲି ସଂଖ୍ୟାଲଘୁ ବ୍ୟାପାର୍ ମନ୍ତ୍ରଣାଲୟ ତରଫ୍ରୁ ସୂଚ୍ନା ଦିଆଯାଇଛେ ।

ରାଜ୍ୟ ବିଜେପି ସଭାପତି       ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ବିଜେପି ସଭାପତି ଭାବେ ମନମୋହନ୍ ସାମଲ୍ ନିର୍ଦ୍ୱନ୍ଦ୍ୱିଥି ନିର୍ବାଚିତ୍ ହେଇଛନ୍ । ନିର୍ବାଚନ୍ ଲାଗି ଶ୍ରୀ ସାମଲ୍ ଝନେ ନ ପ୍ରାର୍ଥୀ ଭାବେ ନାମାଙ୍କନ୍ ଦାଖଲ୍ କରିଥିଲେ । ଆଏଜ୍ ରାଜ୍ୟ ବିଜେପି କାର୍ଯ୍ୟାଲୟ ଠାନେ ଦଲର୍ କେନ୍ଦ୍ରୀୟ ନିର୍ବାଚନ୍ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ୍ ଶ୍ରୀ ସାମଲ୍ଙ୍କୁ ବିଜୟୀ ଘୋଷ୍ନା କରିଥିଲେ । ସେନ୍ତା ନୂଆଁକରି ନିର୍ବାଚିତ୍ ୩୨ ଝନ୍ ରାଷ୍ଟ୍ରୀୟ ପରିଷଦ୍ ସଦସ୍ୟଙ୍କର୍ ନାଁ ଭିଲ୍ ପର୍ଯ୍ୟବେକ୍ଷକ ଶ୍ରୀ ଜୟସ୍ୱାଲ୍

ଘୋଷ୍ନା କରିଛନ୍ । ସଭାପତି ନିର୍ବାଚିତ ହେବାର୍ ଉତ୍ରୁ ଶ୍ରୀ ସାମଲ୍ ତାଙ୍କୁ ମିଲିଥିବା ଦାୟିତ୍ୱ ସଂଗଠନ୍‌ର କର୍ମକର୍ତାଙ୍କର୍ ଆଏ ବଲି କହିଛନ୍ ।

(ଭଏସ୍ ଓଭର୍- ମନ୍‌ମୋହନ୍ ସାମଲ୍)

ଇତାକେ ମିଶେଇକରି ଶ୍ରୀ ସାମଲ୍ ଲଗାତାର୍ ୨ ଥର୍ ଆଉ ମୋଟ୍ ୪ ନମ୍ବର୍ ଥର୍ ଲାଗି ରାଜ୍ୟ ବିଜେପି ସଭାପତି ଭାବେ ନିର୍ବାଚିତ୍ ହେଇଛନ୍ ।

ରସଗୁଲା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ମିଠା ମାନ୍‌କର୍ ଭିତ୍‌ରେ ରସ୍‌ଗୁଲାର ଗୁରୁତ୍ୱ ରହିଛେ । ଇତାର୍ ସମ୍ବନ୍ଧ ଭାରତୀୟ ଧର୍ମ, ସଂସ୍କୃତି ଆର୍ ପରମ୍ପରା ସାଙ୍ଗେ ଜୁଡ଼ି ହେଇଛେ । ରସଗୁଲାର ପରମ୍ପରା ବହୁତ୍ ଦିନୁ ଶ୍ରୀ ଜଗନ୍ନାଥଙ୍କର୍ ସଂସ୍କୃତି ଆର୍ ରଥଯାତ୍ରା ସାଙ୍ଗେ ଜୁଡ଼ି ହେଇଥିବାର୍‌ନୁ ଫି' ବଛର୍ ଆଝିର୍ ଦିନ୍‌କେ ରସ୍‌ଗୁଲା ଦିବସ୍ ହିସାବେ ପାଲନ୍ କରାଯାଉଛେ । ଫି' ବଛର୍ ରଥଯାତ୍ରାର୍ ଶେଷ୍ ନୀତି ନୀଳାଦ୍ରୀ ବିଜେ ଅବ୍‌ସରେ ଇ ଦିବସ୍ ପାଲନ୍ କରାଯାଏସି । ଇନ ଜନେଇ ଦିଆଯାଇପାରେ ଯେ, ୨୦୧୫ ମସିହା ଜୁଲାଇ ମାସ ୩୦ ତାରିଖ୍ ଦିନୁ ଇଟା ପହେଲା ମୁଲ୍ ହେଇଥିଲା ଆର୍ ୨୦୧୯

ମସିହା ଜୁଲାଇ ମାସ ୨୯ ତାରିଖ୍ ଦିନ ଓଡ଼ିଶାର୍ ରସଗୁଲାକେ ଜି.ଆଇ. ଟେଗ୍ ମିଲିଥିଲା ।

ଗାଡ଼ି ଚାଲକ୍ ଆନ୍ଦୋଲନ୍ ଭୁବନେଶ୍ୱର୍/ବର୍ଗଡ଼୍, ବୌଦ୍ଧ, ନୂଆପଡ଼ା

ଡ୍ରାଇଭର୍ ମହାସଂଘର୍ ଆହ୍ୱାନ୍‌ଥି ଘରୋଇ ଗାଡ଼ି ଚାଲକ୍‌ମାନେ ଆଏଜ୍‌ଠାନୁ ସାରାରାଏଜେ ଆନ୍ଦୋଲନ୍ ମୁଲ୍ କରିଛନ୍ । ୭ ଦଫା ଦାବି ନେଇକରି ଡ୍ରାଇଭର୍‌ମାନେ ଆନ୍ଦୋଲନ୍ ଚଲେଇଥିବାର୍‌ନୁ ସାଧାରଣ୍ ପରିବହନ୍ ବ୍ୟବସ୍ଥା ବାଧା ହେଇଛେ । ଗାଡ଼ି ଚାଲକ୍‌ମାନ୍‌କର୍ ଧର୍ମଘଟ୍‌କେ ରାଜ୍ୟ ଘରୋଇ ବସ୍ ମାଲିକ୍ ସଂଘ ଆଉ ଟ୍ରକ୍ ମାଲିକ ସଂଘ ଭିଲ୍ ସମର୍ଥନ୍ କରିଛନ୍ । ଡ୍ରାଇଭର୍ ମହାସଂଘର୍ ଅଭିଯୋଗ୍ ଅନ୍‌ସାରେ ସେମାନ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କୁ ବାର୍‌ବାର୍ ଜନାଲା ଉତ୍‌ରୁ ଭିଲ୍ କିଛି ସୁଫଲ୍ ନାଇଁ ମିଲିପାରି । ହେଥିର୍‌ଲାଗି ଆନ୍ଦୋଲନ୍ କର୍‌ବାର୍‌କେ ବାଧ ହେଇଛନ୍ । ଜରୁରୀ ସେବାକେ ଛାଡ଼ିଦେଲେ ବାକି କେନ୍‌ସି ଗାଡ଼ିମଟର୍ ଚଲାଚଲ୍ ନାଇଁ କରୁଥିବାର୍‌ନୁ ଯାତ୍ରୀମାନେ ବହୁତ୍‌ଟେ ଅସୁବିଧା ଭୁଗୁଛନ୍ । ସେଆଡ଼େ ଆଏଜ୍ ସଂଘର୍ କର୍ମକର୍ତାମାନ୍‌କର୍ ସାଙ୍ଗେ

ଆଲୋଚନା କରିକରି ସମାଧାନ୍‌ର ବାଟ୍ ବାହାର୍ କରାଯିବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ ।

ଡ୍ରାଇଭର୍ ମହାସଂଘର୍ ଆନ୍ଦୋଲନ୍ ଡାକ୍‌ରାଥି ବର୍‌ଗଡ୍, ବୌଦ୍ଧ, ନୂଆପଡ଼ା ସହେତେ ପଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ଡ୍ରାଇଭର୍ ସଂଘ ମାନ୍‌କର୍ ତର୍‌ଫୁ ସବୁ ଘରୋଇ ବସ୍ ଚଲାଚଲ୍ ବନ୍ଦ୍ କରାଯାଇଛେ । ଇଥିର୍‌ଲାଗି ଯାତ୍ରୀମାନେ ବହୁତ୍ ଅସୁବିଧା ଭୁଗିଥିଲେ ।

ବୁଥ୍‌ସ୍ତରୀୟ ଅଧିକାରୀ-ପ୍ରଶିକ୍ଷଣ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ସମ୍ମିଲନୀ କକ୍ଷ ଠାନେ ବୁଥ୍‌ସ୍ତରୀୟ ଅଧିକାରୀଙ୍କର୍ ଜାତୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ନିର୍ବାଚନ୍ ବାବଦ୍ ଭିନ୍ ଭିନ୍ ନିୟମାବଳୀ ଆଉ ବୁଥ୍‌ସ୍ତରର୍ ଅଧିକାରୀମାନ୍‌କର୍ ଭୂମିକା ଆଉ ଦାୟିତ୍ୱ ବାବ୍‌ଦେ ଆଲୋଚନା କରାଯାଇଥିଲା । ଖାସ୍ କରି ଆସନ୍ ସଂଶୋଧନ୍ ପ୍ରକ୍ରିୟା, ବିଏଲ୍‌ଓ ଆପ୍ ବେଭାର୍ ଆଉ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ଜାରି କରାଯାଇଥିବା ନୀୟମାବଳୀ ବାବ୍‌ଦେ ଅଧିକାରୀମାନ୍‌କୁ ସୂଚ୍‌ନା ଦିଆଯାଇଥିଲା ।

ଜିଲ୍ଲାପାଳ୍- ଜଳ ବିଶୋଧନ୍ କେନ୍ଦ୍ର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଏଜ୍ ବରେଇପାଲି ଜଳ ବିଶୋଧନ୍ କାର୍‌ଖାନା ଉପକେନ୍ଦ୍ର ପରିଦର୍ଶନ୍ କରିଛନ୍ । ସେନ ଦେଖାଦଉଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କର୍ ସଙ୍ଗେ ଆଲୋଚନା କରିକରି ତାର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ବୁଥ୍ ଅଧିକାରୀ- ତାଲିମ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ଠାନେ ବୁଥ୍‌ସ୍ତରର୍ ଅଧିକାରୀ ମାନ୍‌କର୍ ଦିନ୍‌କିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଉପଜିଲ୍ଲାପାଳ୍ ପରକ୍ଷିତ ସାହୁ ଉଦ୍‌ଘାଟନ୍ କରିକରି ନିର୍ବାଚନ୍ ସମିଆଥି ବୁଥ୍ ଅଧିକାରୀମାନ୍‌କର୍ ଭୂମିକା, ସତର୍କତା ଆଉ ତାଲିକା ଶୁଦ୍ଧିକରଣ୍ ପ୍ରକ୍ରିୟାଥି ସେମାନ୍‌କର୍ ଦକ୍ଷତା ବଢ଼ାବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ କଳାହାଣ୍ଡି

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ୍ ୨୦୨୫ ପାଲନ୍ ଅବ୍‌ସରେ ଏକାଡେମୀ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟ ଠାନେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଯାଇଛେ । ଇଥି ୧୩ ଟା ବ୍ଲକ୍‌ନୁ ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୧୩ ତାରିଖ୍‌ତକ୍ ରାଏଜେ ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍-୨୦ ଟା ଗେଟ   ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୧୬ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ଜଲ୍‌ଭଣ୍ଡାର୍‌କେ ଉପର୍‌ମୁଣ୍ଡୁ ପାଏନ୍ ଆସ୍‌ବାର୍ କମିଥିବାର୍‌ନୁ ଆଏଜ୍ ସଞ୍ଜ୍‌ବେଲେ ୪ ଟା ଗେଟ୍ ବନ୍ଦ୍ କରାଯାଇଛେ । ହୀରାକୁଦ୍ ଡେମ୍ କର୍ତ୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଞ୍ଝର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫିଁ' ସେକେଣ୍ଡ୍‌ଥି ୨ ଲାଖ୍ ୧୨ ହଜାର୍ ୬ ଶହ ୫୧ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୩ ଲାଖ୍ ୨୪ ହଜାର୍ ୯ ଶହ ୩୧ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୬ ଦଶ୍‌ମିକ୍ ୭/୭ ଫୁଟ୍ ରହିଛେ ।